## ଘର ଭିତରୁ ବାଇକ୍ ଚୋରି

କୁଆମରା,(ଡି.ଏନ.ଏ.): ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅଧୀନ ବାଙ୍ଗରା ଗ୍ରାମର ଶୁଭେନ୍ଦୁ କୁମାର ମହାନ୍ତଙ୍କ ଘରୁ ବୁଧବାର ରାତିରେ କେହି ଦୁର୍ବୃତ୍ତ ଏକ ବାଇକ୍ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଡୁକୁରା ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମହାକୁଡ଼ ଘଟଣାର ତଦନ୍ତ କରୁଛନ୍ତି।



## ସଂକ୍ଷେପରେ

### ନଦୀରେ ନିଖୋଜ ମହିଳାଙ୍କ ମୃତଦେହ ମିଳିଲା

ବାଙ୍ଗିରିପୋଷି,୧୮।୮(ଡି.ଏନ.ଏ.): ବୁଢ଼ାବଲଙ୍ଗ ନଦୀରେ ଗାଧୋଉଥିବା ବେଳେ ଭାସିଯାଇ ନିଖୋଜ ଥିବା ଜନୈକା ମହିଳାଙ୍କ ମୃତଦେହ ଦୀର୍ଘ ୪୦ ଘଣ୍ଟା ପରେ ଉଆଣିଆ ନଦୀଘାଟରୁ ମିଳିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅନ୍ତର୍ଗତ ତଳଜୁଆଳିକଟା ଗ୍ରାମର ସ୍ୱର୍ଗତଃ ମଙ୍ଗଳ ସିଂଙ୍କ ସ୍ତ୍ରୀ ଯମୁନା (୪୦)। ପୁଅ ଶିବା (୧୪) ସହ ଗତ ମଙ୍ଗଳବାର ସେ ଗାଧୋଇବାକୁ ଯାଇଥିଲା ବେଳେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗୁରୁବାର ଶବ ମିଳିବା ପରେ ବାଙ୍ଗିରିପୋଷି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ବୈତରଣୀରେ ଭାସିଯାଇଥିବା ବୃଦ୍ଧଙ୍କ ମୃତଦେହ ମିଳିଲା

ଚାନ୍ଦବାଲି,୧୮।୮(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତ ମୁଆଁ ଗାଁର ଘନଶ୍ୟାମ ଦାସ ନାମକ ବୃଦ୍ଧ ବୁଧବାର ବୈତରଣୀ ନଦୀର ବନ୍ୟା ଜଳରେ ଭାସି ଯାଇଥିଲେ। ଗୁରୁବାର ଅପରାହ୍ନରେ ବୈତରଣୀର ଚାନ୍ଦବାଲି ନିକଟସ୍ଥ ଗେମନ ବ୍ରିଜ୍ ନିକଟରୁ ତାଙ୍କ ମୃତଦେହ ମିଳିଛି। ସୂଚନାଯୋଗ୍ୟ, ଘନଶ୍ୟାମ ଶୌଚ ହେବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ନଦୀରେ ଭାସି ଯାଇଥିଲେ। ଅଗ୍ନିଶମ ବାହିନୀ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କୁ ପାଇ ନ ଥିଲେ।

### ବାଇକ୍ ଧକ୍କା: ଜଣେ ମୃତ

କେନ୍ଦୁଝର ,୧୮।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ବାରିଆ ଥାନା ଅଧୀନ ପାହାଡ଼ପୁର ଗ୍ରାମର ବନମାଳୀ ନାୟକ(୪୦) ଗତ ବୁଧବାର ସନ୍ଧ୍ୟାରେ ନିଜ ବାଇକ ଯୋଗେ ଯାଉଥିବାବେଳେ ବଡ଼ନେଉଳି ଠାରେ ବାଇକ୍ ଧକ୍କା ହେବାରୁ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେଠାରୁ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ବାରିଆ ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ପାୱାର ଟିଲର ଦୁର୍ଘଟଣା ଗ୍ରସ୍ତ: ଡ୍ରାଇଭର ଗୁରୁତର

କେନ୍ଦୁଝର ,୧୮।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଝୁମ୍ପୁରା ଥାନା ଅଧୀନ ପଟାବିଲା ଗ୍ରାମରେ ପାୱାର ଟିଲାର ଦୁର୍ଘଟଣା ଗ୍ରସ୍ତ ହେବାରୁ ଜଣେ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେ ହେଲେ ଦୀପକ ମହାନ୍ତ। ସେ ବିଲରେ ପାୱାର ଟିଲର ଯୋଗେ କାର୍ଯ୍ୟ କରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ତାଙ୍କ ଶରୀରର ଛାତି, ପେଟ, ଗୋଡ଼ ଆଦି ଅନେକ ଜାଗାରେ କ୍ଷତ ହେବା ସହ ଅତ୍ୟଧିକ ରକ୍ତସ୍ରାବ ହେବା ଦ୍ୱାରା ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡିଛି। ବର୍ତ୍ତମାନ ସେ ଗୁରୁତର ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ନାବାଳକଙ୍କୁ ଆକ୍ରମଣ

କୁଳିଅଣା,୧୮।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଶୁଖୁଆପୋଡ଼ା ଗ୍ରାମର ହରେକୃଷ୍ଣ ପରିଡ଼ାଙ୍କ ପୁଅ ଶିବଶଙ୍କର (୧୫)ଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୧୭/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ଶନିବାର ଅପରାହ୍ନରେ ଶିବଶଙ୍କର ସହିତ ଦୁଇ ସାଙ୍ଗ ସୁମିତ କୁମାର କର ଏବଂ ଦିପୁ ମିଶି ଚାଲିଚାଲି ଯାଉଥିଲେ। ଏହି ସମୟରେ ସୁମିତ ଝୁଣ୍ଟିପଡ଼ି ଖଣ୍ଡିଆଖାବରା ହୋଇଥିଲେ। ଶିବ ତାଙ୍କୁ ସଙ୍ଗେ ସଙ୍ଗେ କୁଳିଅଣା ଡାକ୍ତରଖାନା ନେଇ ପ୍ରାଥମିକ ଚିକସ୍ଥା ପରେ ତାଙ୍କ ଘରକୁ ଛାଡ଼ିବା ପାଇଁ ଆଣିଥିଲେ। ଏହି ସମୟରେ ସୁମିତଙ୍କ ପରିବାର ଲୋକେ ଶିବଙ୍କୁ ଆକ୍ରମଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି।

### ବୁଡ଼ି ଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କଲା ଅଗ୍ନିଶମ ବାହିନୀ

ପାଟଣା,୧୮।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମର ଜଣେ ବ୍ୟକ୍ତି ଗୁରୁବାର ଅପରାହ୍ନରେ ନିଶାସକ୍ତ ଅବସ୍ଥାରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ଖବର ପାଇ ତୁରନ୍ତ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ଉକ୍ତ ଗ୍ରାମର କାହ୍ନୁ ମୁଣ୍ଡା। ତାଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଜଣା ପଡ଼ିଛି।

# ତିହିଡ଼ିର ୫ ପଞ୍ଚାୟତ ଜଳଘେରରେ

ପଦ୍ମପୁର, ୧୮।୮(ଡି.ଏନ.ଏ.)

ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟାଜଳରେ ଭଦ୍ରକ ଜିଲା ତିହିଡ଼ି ବ୍ଲକର ୫ ପଞ୍ଚାୟତ ବୋଡ଼କ, ବିଲଣା, ବାରୋ, କାଁପଡ଼ା ଓ ଶ୍ୟାମସୁନ୍ଦରପୁର ଗତ ୮ ଦିନ ଧରି ଜଳଘେରରେ ରହିଛି। ବିଲଣା ପଞ୍ଚାୟତର ବିଭିନ୍ନ ଗାଁରେ ଲୋକଙ୍କ ଘରେ ପାଣି ପଶିଯିବାରୁ ପଞ୍ଚାୟତ ପକ୍ଷରୁ ୩୦ ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବୋଡ଼କ ଓ ବାରୋରେ ସ୍ଥିତି ସ୍ଥିର ରହିଥିଲେ ମଧ ପୁନଶ୍ଚ ସମ୍ଭାବ୍ୟ ଲଘୁଚାପକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସେହିପରି ଶ୍ୟାମସୁନ୍ଦରପୁର ପଞ୍ଚାୟତ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଉକ୍ତ ଅଞ୍ଚଳରେ ଚାଷଜମି ୮ଦିନ ହେଲା ପାଣିରେ ବୁଡ଼ି ରହିଛି। ସାଳନ୍ଦୀର ଶାଖା ନାଳିଆ ନଦୀର ଖଜୁରୀବହାଳି ଓ ବରଡ଼ାଗଡ଼ିଆରେ ୩ଟି ଘାଇ ସୃଷ୍ଟି ହେବାରୁ ଚାଷଜମି ଜଳମଗ୍ନ ହୋଇଛି। ବିଲଣା ପଞ୍ଚାୟତର ତିଆଡ଼ିସାହି, କେରଡିହ, ଶାସନ, ବାସନ୍ତୀନଗର, ଲଞ୍ଜତାରା ଓ ଖର୍ଦ୍ଦାପାଟଣାରେ ବନ୍ୟାଜଳ ମାଡ଼ିଯାଇଛି। ବୋଡ଼କ ପଞ୍ଚାୟତରେ ବୋଡ଼କ, ଶାସନ, ଓରାଳି, ଅଣ୍ଡରେଇ, ବାରୋ ପଞ୍ଚାୟତର ବାରୋ, ଚବିଶପଡ଼ା, ବଳିଆରପୁର, ଶାସନଖାସ, ନରସିଂହପୁର, ଦହପାଣିଆ ଆଦି ଗ୍ରାମ ପାଣିଘେରରେ ରହିଛି। ରାଧାନଗର ଓ ବଳିଆରପୁର ଗାଁ ରାସ୍ତାରେ ପାଣି କମିବାର ନାଁ ଧରୁନି।


ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, ବିଡିଓ ବସନ୍ତ ସାହାଣୀ ବିଲଣା ପଞ୍ଚାୟତରେ ବନ୍ୟା ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଗୁରୁବାର ପୂର୍ବାହ୍ନରେ ପ୍ରଶାସନ ଓ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଇଛି। ଜନବସତି ସୁରକ୍ଷିତ ରଖିବା ଲାଗି ଘାଇଗୁଡ଼ିକୁ ବାଲିବସ୍ତା ଦ୍ୱାରା ଆବଦ୍ଧ କରାଯିବ। ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, ବିଡିଓ ବସନ୍ତ କୁମାର ସାହାଣୀ, ବିଲଣା ସରପଞ୍ଚଙ୍କ ପ୍ରତିନିଧି ବିଶ୍ୱରଞ୍ଜନ ନାୟକ, ସମିତିସଭ୍ୟ ଭାଗୀରଥି ମଲିକ, ଶିଶିର ପଣ୍ଡା, ପଞ୍ଚାୟତ ସଭାପତି ଶରତ ଚନ୍ଦ୍ର ମଳିକ, ସରୋଜ ନାୟକ, ତପନ ପରିଡ଼ା, ସାଳନ୍ଦୀ ଜଳସେଚନ ବିଭାଗ ଏସ୍‌ଡିଓ ଲାଇକେନ ବେଶ୍ରା, କନିଷ୍ଠଯନ୍ତ୍ରୀ ଦୁର୍ଗାପ୍ରସାଦ ତ୍ରିପାଠୀ, ଠିକାଦାର ଗଙ୍ଗାଧର ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ଗାଁର ବନ୍ୟା ବିପନ୍ନଙ୍କୁ ଭେଟି ଖୁବ୍‌ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ସାଳନ୍ଦୀ ସଂସ୍କାରରେ ନାଳିଆ ନଦୀକୁ ହିରାଘାଇ ପର୍ଯ୍ୟନ୍ତ ଏବଂ ସାଳନ୍ଦୀ ନଦୀ ବିଲଣାଠାରୁ ତଳକାଁପଡ଼ା ପର୍ଯ୍ୟନ୍ତ ସଂସ୍କାର କାର୍ଯ୍ୟ ତ୍ୱରାନ୍ୱିତ ସହ ଦୁଇପାର୍ଶ୍ୱରେ ସୁଦୃଢ଼ ଆଡ଼ିବନ୍ଧ ଓ ନାଳଗୁଡ଼ିକରେ ସ୍ଲୁଇସ୍ ଗେଟ୍ ନିର୍ମାଣ କରାଗଲେ ଚାଷୀମାନଙ୍କ ଦୁଃଖ ଦୂର ହୋଇପାରିବ ବୋଲି ବାରୋ ସରପଞ୍ଚ ଉଦ୍ଧବ ଚରଣ ନାୟକ କହିଥିଲେ। ଚଳିତବର୍ଷ ସ୍ୱଳ୍ପବୃଷ୍ଟିରେ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିବା ବେଳେ କିଛିଦିନ ହେଲା ତଳି ରୁଆ ହୋଇଥିଲା, ଯାହା ଏହି ବନ୍ୟାରେ ସମ୍ପୂର୍ଣ୍ଣ ବୁଡ଼ି ରହିଛି। ୨ୟ ଥର ରୁଆ କାର୍ଯ୍ୟ କରିବାକୁ ସମୟ ନ ଥିବା ବେଳେ ଧାନ ଅମଳକୁ ନେଇ ଚାଷୀମାନେ ଚିନ୍ତାରେ ଅଛନ୍ତି। କୃଷିରଣ ଛାଡ଼ ସହ ଆଗାମୀ ଡାଲୁଆ ଧାନ ଚାଷ ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ସେ ଦାବି କରିଛନ୍ତି।

## ସାଳନ୍ଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଜବତ

ଭଦ୍ରକ ଅଫିସ, ୧୮।୮

ଭଦ୍ରକ ସହର ପୁରୁଣାବଜାର ଥାନା ଅଧୀନ ଗରଦପୁର ନିକଟ ସାଳନ୍ଦୀ ନଦୀରୁ ଗୁରୁବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଧନାଟୋଲ୍ଲା ଗ୍ରାମର ପ୍ରକାଶ ବେହେରା। ସେ ବୁଧବାରଠାରୁ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଗୁରୁବାର ସକାଳେ ପୁରୁଣାବଜାର ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଅପରାହ୍ନରେ ସ୍ଥାନୀୟ ଲୋକେ ଏକ ମୃତଦେହ ନଦୀରେ ଭାସୁଥିବା ଦେଖି ଖବର ଦେଇଥିଲେ। ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏନେଇ ଏକ ମାମଲା (ନଂ.୧୯୬/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ପୁରୁଣାବଜାର ଥାନାଧିକାରୀ ଗୌରାଙ୍ଗ ଚରଣ ସାହୁ କହିଛନ୍ତି।

## ଐକ୍ୟବଦ୍ଧ ଭାବେ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ


ହଳଦୀପଦାଠାରେ ଆୟୋଜିତ ବ୍ଲକ ସମ୍ମିଳନୀରେ ଯୋଗ ଦେଇଥିବା ଅଙ୍ଗନୱାଡି କର୍ମୀ।

ବାଲେଶ୍ୱର ଅଫିସ, ୧୮।୮

ବାଲେଶ୍ୱର ଜିଲା ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ ପକ୍ଷରୁ ହଳଦୀପଦାଠାରେ ସଦର ଗ୍ରାମାଞ୍ଚଳ ବ୍ଲକ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଛି। ସୁଷମା ପାତ୍ର ଅଧକ୍ଷତା କରିଥିଲେ। ଏଆଇଟିୟୁସି ଜାତୀୟ ପରିଷଦ ସଦସ୍ୟ ଜୟନ୍ତ ଦାସ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘଦିନର ଦାବି ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀଙ୍କୁ ଶିକ୍ଷୟିତ୍ରୀ ଓ ସହାୟିକାମାନଙ୍କୁ କନିଷ୍ଠ ଶିକ୍ଷୟିତ୍ରୀ ପଦବୀରେ ଅବସ୍ଥାପିତ କରାଯାଉନାହିଁ। ଅନ୍ୟପକ୍ଷରେ ୨୦୧୮ମସିହାଠାରୁ ଆଜି ଯାଏ ଉଭୟଙ୍କ ଭତ୍ତା ବୃଦ୍ଧି କରାଯାଇନାହିଁ। ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ସହ ଆକାଶଛୁଆଁ ଦର ବୃଦ୍ଧି ଯୋଗୁ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଗରମ ରନ୍ଧା ଖାଦ୍ୟ ଦେବାରେ କର୍ମୀମାନଙ୍କ ଭତ୍ତାରୁ ପ୍ରମୁଖ ଅଂଶ ବ୍ୟୟ ହୋଇଯାଉଛି। ଫଳରେ ନିଜ ଘର ଚଳାଇବା ଦୁର୍ବିଷହ ହେଲାଣି। ଏହା ବିରୋଧରେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଐକ୍ୟବଦ୍ଧ ଭାବେ ଆନ୍ଦୋଳନରେ ସାମିଲ ହେବାକୁ ପ୍ରକାଶ କରିଥିଲେ। ଜିଲା ସଭାପତି ପ୍ରତିଭା ପାଲ ଓ ଜିଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ଦାସ ଯୋଗଦେଇ କର୍ମୀ, ମିନି କର୍ମୀ ଓ ସହାୟିକାଙ୍କ ସମସ୍ୟା ସମ୍ପର୍କରେ ଉଦ୍‌ବୋଧନ ଦେଇ ଏହାର ସମାଧାନ ପାଇଁ ଆନ୍ଦୋଳନ ଏକମାତ୍ର ପନ୍ଥା ବୋଲି ଚେତାବନୀ ଦେଇଥିଲେ। ଚଳିତବର୍ଷ ସଂଘର ରଜତ ଜୟନ୍ତୀ ଚାଲିଥିବାରୁ ଉକ୍ତ ଉତ୍ସବ ଓ ରାଜ୍ୟ ସମ୍ମିଳନୀ ବାଲେଶ୍ୱରରେ ହେବା ପାଇଁ ରାଜ୍ୟ କମିଟି ନିଷ୍ପତ୍ତି ନେଇଛନ୍ତି। ଏହାପୂର୍ବରୁ ସଂଘର ଜିଲା ସମ୍ମିଳନୀ ବାଲିଆପାଳଠାରେ ସେପ୍ଟେମ୍ବରରେ ଅନୁଷ୍ଠିତ ହେବା ନେଇ ସୂଚନା ଦେଇଥିଲେ। ସମ୍ମିଳନୀରେ ୩୧ଜଣିଆ ବ୍ଲକ କମିଟି ଘୋଷଣା କରାଯାଇଛି। ବ୍ଲକ ସଭାପତି ଭାବେ ସୁଷମା ପାତ୍ର, ଉପସଭାପତି ଅଞ୍ଜଳି ରାଉତ, ବ୍ଲକ ସମ୍ପାଦକ ସନ୍ଧ୍ୟାରାଣୀ ବେହେରା, ସହସମ୍ପାଦକ ରଶ୍ମିତା ବେହେରା ଓ କୋଷାଧକ୍ଷ ନାଜୁମୁନ ନେଶା ବେଗମ୍ ମନୋନୀତ ହୋଇଛନ୍ତି।

## ଧାର ଟଙ୍କା ମାଗିବାରୁ ଜମି ମାଲିକଙ୍କୁ ହତ୍ୟା ଉଦ୍ୟମ

ରୂପସା, ୧୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ମୁକୁଳିସି ପଞ୍ଚାୟତ ଅଧୀନ ଦୁଦ୍ଧ ଗ୍ରାମର ଜଣେ ଜମି ମାଲିକ ରାମକୃଷ୍ଣ ସେଣଙ୍କୁ ସେହି ଗ୍ରାମର ଭାଗଚାଷୀ ବୃନ୍ଦାବନ ହେମ୍ବ୍ରମ ଗୁରୁବାର ମରଣାନ୍ତକ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ପୋଲିସ ଆକ୍ରମଣକାରୀ ବୃନ୍ଦାବନଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଆହତ ରାମକୃଷ୍ଣଙ୍କୁ ପ୍ରଥମେ ବସ୍ତା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ରାମକୃଷ୍ଣଙ୍କ ଜମିକୁ ବୃନ୍ଦାବନ ଭାଗ ଚାଷ କରିଥିଲେ। ଜମି ମାଲିକଙ୍କଠାରୁ ସେ ହଳ, ଧାନ ତଳି ବାବଦ ୩ହଜାର ଓ ଚାଷ କାର୍ଯ୍ୟ ପାଇଁ ୫ହଜାର ଟଙ୍କା ଧାର ନେଇଥିଲେ। ଗୁରୁବାର ଧାର ଟଙ୍କା ମାଗିବାରୁ ବୃନ୍ଦାବନ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଦାଉଲିରେ ମୁଣ୍ଡକୁ ହାଣି ହତ୍ୟା ଉଦ୍ୟମ କରିଥିବା ଏତଲାରେ ଦର୍ଶାଯାଇଛି। ଏପରିକି ମାଲିକଙ୍କ ସାଇକେଲ ମଧ ଛଡ଼ାଇ ନେଇଥିଲେ ବୋଲି ଅଭିଯୋଗ ହୋଇଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତଙ୍କୁ ଗାଁ ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ।

## 'ବରିଷ୍ଠ ନାଗରିକ ଆଧ୍ୟାତ୍ମିକ ଚେତନାରେ ନିୟୋଜିତ ହୁଅନ୍ତୁ'

ଭଦ୍ରକ ଅଫିସ,୧୮।୮

ଭଦ୍ରକ ଜିଲା ସଂସ୍କୃତି ଭବନରେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପଦ୍ମନାଭ ପାଢ଼ୀଙ୍କ ପୌରୋହିତ୍ୟରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡ. ଭାଗବତ ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ବରିଷ୍ଠ ନାଗରିକମାନେ ପରସ୍ପର ପ୍ରତି ସ୍ନେହଶ୍ରଦ୍ଧା ରଖିଲେ ମାନସିକ ଶାନ୍ତି ମିଳିପାରିବ ବୋଲି କହିଥିଲେ। ବାରିପଦା ଚିନ୍ମୟ ମିଶନର ଅଧକ୍ଷ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ ପ୍ରବଚନ ମାଧ୍ୟମରେ ବୟସର ଅପରାହ୍ନରେ ସାଂସାରିକ ଜଞ୍ଜାଳ ମଧ୍ୟରେ ଘାଣ୍ଟି ନ ହୋଇ ଆଧ୍ୟାତ୍ମିକ ଚିନ୍ତା ଚେତନାରେ ନିଜକୁ ନିୟୋଜିତ କଲେ ନିରାମୟ ଜୀବନ ଯାପନ କରିପାରିବେ ବୋଲି ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ଡା. ହରେକୃଷ୍ଣ ନାୟକ, ଅଜୟ ନାୟକ, ଶାନ୍ତନୁ କୁମାର ରାଉତ, ଡ. ରାଧାରାଣୀ ମହାପାତ୍ର, ଅଟଳ ବିହାରୀ ନାୟକ, କରୁଣାକର ଉପାଧ୍ୟାୟ, ଅଜିତ ନାୟକ, ସୁଧାକର ରାଉତ, କୈଳାସ ପଣ୍ଡା, ଲଲାଟେନ୍ଦୁ ମହାନ୍ତି, ହରମୋହନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଶିକ୍ଷକ ଓ ଅତିଥିମାନେ।

ବୈଶିଙ୍ଗା,୧୮।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ କଳମା ପଞ୍ଚାୟତର କଣ୍ଟିପୁରସ୍ଥିତ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଓ ଖେଳ ଶିକ୍ଷକ ବେଣୁଧର ସାମଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପରିଚାଳନା କମିଟିର ସଭାପତି ଗୀତାଞ୍ଜଳି ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କିଶୋର କୁମାର ଆଚାର୍ଯ୍ୟ, ସମ୍ମାନୀତ ଅତିଥିଭାବେ ପୂର୍ବତନ ସଭାପତି ଅନୀଲ କୁମାର ମହାପାତ୍ର, କଳମା ସରପଞ୍ଚ ଗୋପୀନାଥ ସିଂ, ସମିତି ସଭ୍ୟା ସରସ୍ୱତୀ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଞ୍ଜନ କୁମାର ମହାପାତ୍ର ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ଦାସ ଓ ଉମେଶ ଚନ୍ଦ୍ର ପତି ସଭା ପରିଚାଳନା କରିଥିଲେ। ଓଷ୍ଟା ପକ୍ଷରୁ ମଧ ଉଭୟଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ ସେନାପତି, ସ୍ନେହଲତା ଦାସ, କବିତା ପ୍ରଧାନ, ଉମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶୁଶୀଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଧାକୃଷ୍ଣ ବେଶରେ ବଜାର ବୁଲିଲେ, ଦହିହାଣ୍ଡି ଭାଙ୍ଗିଲେ


କୃଷ୍ଣବେଶରେ ସଜ୍ଜିତ ଛାତ୍ରମାନଙ୍କ ଦ୍ୱାରା ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତା।

ଖଇରା, ୧୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ସରସ୍ୱତୀ ଶିଶୁମନ୍ଦିରରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ଶଶିକାନ୍ତ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୀନତି ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ କମଳାକାନ୍ତ ନାୟକ ଶ୍ରୀକୃଷ୍ଣଙ୍କ ଜନ୍ମ ରହସ୍ୟ ଉପରେ ବର୍ଣ୍ଣନା କରିଥିଲେ। ଛାତ୍ରୀମାନେ ରାଧା ଓ ଛାତ୍ରମାନେ କୃଷ୍ଣ ବେଶରେ ସଜ୍ଜିତ ହୋଇ ଖଇରା ବଜାର ପରିକ୍ରମା କରିଥିଲେ। ବିଦ୍ୟାଳୟକୁ ଫେରିବା ପରେ ଦୋଳିରେ ଝୁଲିବା ସହ କୃଷ୍ଣବେଶଧାରୀ ଛାତ୍ରମାନେ ଦହିହାଣ୍ଡି ଭଙ୍ଗା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ପ୍ରଭାକର ଓଝା, ବଳରାମ ଲେଙ୍କା, ପଙ୍କଜ ମହାନ୍ତି, ତାପସ ନାୟକ, ରାଜେଶ ପଣ୍ଡା, ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ଇତିଶ୍ରୀ ନାୟକ, ମମତା ବାରିକ, ମନୋରମା ଗିରି ଓ ଦିପ୍ତିଶିଖା ପାଣି ପରିଚାଳନାରେ ସହଯୋଗ କରିଥିଲେ।

## 'ଶ୍ରୀକୃଷ୍ଣଙ୍କ କଥା ଶୁଣାଇଲେ'

ଯୋଡ଼ା,୧୮।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କୁନ୍ଦୁରୁନାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରାଯାଇଛି। ଉକ୍ତ ଉତ୍ସବରେ ମଦନମୋହନ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଶ୍ରୀ କୃଷ୍ଣଙ୍କ ବିଷୟରେ କଥା ରଖିଥିଲେ। ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁଙ୍କ ମଧ୍ୟରେ କୃଷ୍ଣ ବେଶ, କୃଷ୍ଣ ଭଜନ ଓ ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ ଓ ସେବିକାସେବକ ଯୋଗଦେଇଥିଲେ।


ଯୋଡ଼ା କୁନ୍ଦୁରୁନାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

## ପରିବା ଚାଷରୁ ରୋଜଗାରକ୍ଷମ ହେଉଛନ୍ତି ଜୁଆଙ୍ଗ

କେନ୍ଦୁଝର, ୧୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ବୁଢାଖମଣ ପଞ୍ଚାୟତର ଜୁଆଙ୍ଗ ଜନଜାତି ଲୋକେ ଜଙ୍ଗଲ ଓ ପାହାଡ଼ରେ ଥିବା କାଠ, ପତ୍ର, ଫଳମୂଳ ଆଦି ଉପରେ ନିର୍ଭର କରି ଜୀବିକା ନିର୍ବାହ କରିଆସୁଥିଲେ। କିନ୍ତୁ ଏବେ ପନିପରିବା ଚାଷ କରି ଆତ୍ମନିର୍ଭରଶୀଳ ହେବା ସହ ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ଫଳରେ ଜଙ୍ଗଲ ଉପରେ ସେମାନଙ୍କୁ ଆଉ ନିର୍ଭରଶୀଳ ହେବାକୁ ପଡୁ ନ ଥିବାବେଳେ ସେମାନେ ଜଙ୍ଗଲ ଓ ପରିବେଶ ନଷ୍ଟ କରୁନାହାନ୍ତି। ଆଇଟିଡିଏ କେନ୍ଦୁଝର ସହାୟତାରେ ମିଶନ ଜୀବିକା ପ୍ରକଳ୍ପ ମାଧ୍ୟମରେ ସେମାନେ ବୁଢାଖମଣ, ସୋମଗିରି, ନଳପଙ୍ଗା ଓ ସହରଟାଙ୍ଗିରି ଗ୍ରାମର ୨୦୧୮ ମସିହାରୁ ଏହି ସ୍କିମରେ ସୁବିଧା ପାଇଆସୁଛନ୍ତି । ସୃଷ୍ଟି ସ୍ୱେଚ୍ଛାସେବୀ ସଂସ୍ଥା ମାଧ୍ୟମରେ ଖରିଫ ଋତୁରେ ହୋଇଥିବା ଏହି ଚାଷର ତଦାରଖ ହେଉଥିବା ବେଳେ ଏହି ଯୋଜନାରେ ୮୨ ଜୁଆଙ୍ଗ ଚାଷୀ ୨୫ ଏକର ଜମିରେ ଚଳିତବର୍ଷ କଲରା ଚାଷ କରି ବେଶ ଭଲ ରୋଜଗାର କରିପାରିଛନ୍ତି। ସେହିପରି ୪୭ ଜଣ ଜୁଆଙ୍ଗ ମୂଳା, ଗାଜର, ବିଟ ଆଦି ଚାଷ କରିଥିବା ଜଣାପଡିଛି। ସେମାନେ କିଲୋ ୭ ଟଙ୍କାରୁ ୪୪ ଟଙ୍କା ମୂଲ୍ୟରେ ବିକ୍ରି କରିଥିବା କହିଛନ୍ତି। ଏହା ଫଳରେ ସେମାନଙ୍କ ହାରାହାରି ରୋଜଗାର ମାସିକ ୧୫ରୁ ୧୮ ହଜାର ଟଙ୍କା କରିପାରିଛନ୍ତି। ଏପିସି ନୀତିନିୟମକୁ ପାଳନ କରି ଜୁଆଙ୍ଗ ଚାଷୀ ମାନେ ବେପାରୀଙ୍କୁ ପନିପରିବା ବିକ୍ରି କରି ଭଲ ଉପାର୍ଜନ କରୁଛନ୍ତି । ଆଇଟିଡିଏ ପକ୍ଷରୁ ସେମାନଙ୍କୁ ବିହନ, ସାର ଆଦି ସହାୟତା ପ୍ରଦାନ କରାଯାଇଥିବା ବିଶେଷଜ୍ଞ ଭାନୁମତି ବେହେରା କହିଛନ୍ତି। ପ୍ରଭାତି ଜୁଆଙ୍ଗ, ବନିତା ଜୁଆଙ୍ଗ, ଗୁରୁବାରୀ ଜୁଆଙ୍ଗ ସେମାନଙ୍କ ୨୦ ଡିସମିଲ ଜମିରୁ ପାଖାପାଖି ୩୦ହଜାର ଟଙ୍କା ରୋଜଗାର କରିଥିବା କହିଛନ୍ତି । ଲାଭକୁ ଦେଖି ଚଳିତ ବର୍ଷ ୨୦ ଏକର ଜମିରେ ବିନ ଚାଷ କରିବାକୁ ଆଗ୍ରହ ଦେଖାଇଛନ୍ତି।


ଆଇଟିଡିଏ ଅଧିକାରୀମାନେ ଜୁଆଙ୍ଗ ଚାଷୀଙ୍କ ଫସଲ ଦେଖୁଛନ୍ତି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,(ଡି.ଏନ.ଏ): ମୟୁରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡ଼ା ନିକଟବର୍ତ୍ତୀ କେନ୍ଦ୍ରେୟୀ ଗ୍ରାମରେ ଗୁରୁବାର ଜୈନିକା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ସେକ୍ ଅନୱାର ଅଲ୍ଲୀଙ୍କ ସ୍ତ୍ରୀ ମମତାଜ ବେଗ(୪୦)। ତାଙ୍କୁ ଗୁରୁତର ଅବସ୍ଥାରେ ପରିବାର ବର୍ଗ ରାଇରଙ୍ଗପୁର ହସ୍ପିଟାଲରେ ଚିକିତ୍ସା ସକାଶେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ଇଲିୟାସ ଯୁବ କଂଗ୍ରେସ ସଭାପତି



ଭଦ୍ରକ ଅଫିସ,୧୮।୮-ଭଦ୍ରକ ବିଧାନସଭା କ୍ଷେତ୍ର ପାଇଁ ଯୁବ କଂଗ୍ରେସ ସଭାପତି ଭାବେ ଇଲିୟାସ ଅଲ୍ଲୀ ଖାନ୍‌ଙ୍କୁ ମନୋନୀତ କରାଯାଇଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କା ଏହି ପଦବୀ ପାଇଁ ବୁଧବାର ଇଲିୟାସଙ୍କୁ ମନୋନୀତ କରିଛନ୍ତି। ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ପଦବୀ ଲାଗି ତାଙ୍କୁ ମନୋନୀତ କରାଯାଇଥିବାରୁ ସେ ଏଆଇସିସି ଅଧକ୍ଷାଙ୍କଠାରୁ ଆରମ୍ଭ କରି ଜିଲାସ୍ତରୀୟ ନେତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଦଳ ଯେଉଁ ଦାୟିତ୍ୱ ଦେବ, ତାହାକୁ ସେ ସୂଚାରୁରୂପେ ପାଳନ କରିବେ। ବୁଥ୍ ସ୍ତରରୁ ସମସ୍ତ ଯୁବବର୍ଗଙ୍କୁ ସାଙ୍ଗରେ ନେଇ ଦଳକୁ ଅଧିକ ଶକ୍ତିଶାଳୀ କରିବେ ବୋଲି କହିଛନ୍ତି।

### ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

କେନ୍ଦୁଝର ,୧୮।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ଭଗାମୁଣ୍ଡା ଅଞ୍ଚଳର ନବଘନ ମୁଣ୍ଡା (୧୩)ଙ୍କୁ ଗତ ବୁଧବାର ରାତିରେ ଏକ ଚିତି ସାପ କାମୁଡି ଦେବାରୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁବାର ଦିନ ୧୦ଟାରେ ହରିଚନ୍ଦନପୁର ମେଡିକାଲକୁ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### କାର୍ଯ୍ୟରେ ଯୋଗ ଦେଲେ ଉପଜିଲାପାଳ

ଚମ୍ପୁଆ, ୧୮।୮(ଡି.ଏନ.ଏ.): କେନ୍ଦୁଝର ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରିତିମୟଙ୍କ ପଦୋନ୍ନତି ପରେ ନୂତନ ଉପଜିଲାପାଳ ଭାବେ ସୁକାନ୍ତ ମାଝି ଗତ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମାଝୀ ଉପଜିଲାପାଳ କାର୍ଯ୍ୟାଳୟ ପହଞ୍ଚିବା ପରେ ଚମ୍ପୁଆ ଗଣମାଧ୍ୟମ ସମେତ ବିଭିନ୍ନ ବିଭାଗ ଓ କର୍ମଚାରୀଙ୍କ ପକ୍ଷରୁ ତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରାଯାଇଥିଲା। ୨୦୦୬ ବ୍ୟାଚର ମାଝି ପୂର୍ବରୁ ଝାରସୁଗୁଡ଼ା ଆଡିଶନାଲ ପିଡି ଡିଆରଡିଏ ଭାବେ କାର୍ଯ୍ୟକରି ଆସୁଥିଲେ। ଚମ୍ପୁଆର ଉନ୍ନତି ପାଇଁ ଜନସାଧାରଣଙ୍କ ସହଯୋଗରେ ବିକାଶ ଧାରାକୁ ବଜାଇ ରଖାଯିବ ବୋଲି ସୂଚନା ଦେଇଛନ୍ତି।



### ଜନ୍ମାଷ୍ଟମୀରେ କୃଷ୍ଣ ବେଶ

ପାଟଣା,୧୮।୮(ସ୍ୱ. ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ଓ ତୁରୁମୁଙ୍ଗା ସରସତୀ ଶିଶୁ ବିଦ୍ୟା ମନ୍ଦିର ତୁରୁମୁଙ୍ଗାରେ ଗୁରୁବାର ଶିଶୁ ମାନଙ୍କ ଦାରା ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ କୃଷ୍ଣ ବେଶ, କୃଷ୍ଣ ଭଜନ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପାଟଣା ଶିଶୁମନ୍ଦିର ରେ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ପର୍କରେ ରୁଦ୍ରଦେବ ମହାନ୍ତ ଆଲୋକପାତ କରିଥିବା ବେଳେ ରେବତୀ ତ୍ରିପାଠୀ ବିଚାରକ କାର୍ଯ୍ୟ ତୁଲାଇଥିଲେ।

### ଜନ୍ମାଷ୍ଟମୀ ଉତ୍ସବ ପାଳିତ

ଝୁମ୍ପୁରା, ୧୮।୮ (ଡି.ଏନ.ଏ.): ଜନ୍ମାଷ୍ଟମୀ ଅବସରରେ ଝୁମ୍ପୁରା ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଂସ୍କୃତ ଶିକ୍ଷକ କାଙ୍ଗାଳୀ ଚରଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ଓ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀ ଜନ୍ମାଷ୍ଟମୀ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକୁ ପରିଚାଳନା କରିଥିଲେ। ଶିଶୁମନ୍ଦିରକୁ ଶାକୃଷ୍ଣ ଓ ରାଧା ବେଶରେ ଆସିଥିବା ଛାତ୍ରୀଛାତ୍ରଙ୍କୁ ନେଇ ନଗର ପରିକ୍ରମା କରାଯାଇଥିଲା। ଶିଶୁମନ୍ଦିରର ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଲିଜ୍‌ଧାରୀଙ୍କ ନାଁରେ ମାମଲା

## ମହୁପୁରା ଘାଟରୁ ବେଆଇନ ବାଲି ଉତ୍ତୋଳନ

ବାରିପଦା ଅଫିସ,୧୮।୮

ମୟୂରଭଞ୍ଜ ଜିଲା ବଡ଼ସାହି ତହସିଲ ଅଧୀନ ମହୁପୁରା ଘାଟରୁ ବେଆଇନ ବାଲି ଉତ୍ତୋଳନ ଘଟଣାକୁ ନେଇ ଲିଜଧାରୀଙ୍କ ନାଁରେ ବଡ଼ସାହି ଥାନାରେ ମାମଲା ରୁଜୁ ହୋଇଛି। ଏ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ମାମଲା ଚାଲିଥିବା ବେଳେ ବାରିପଦା ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୫୯୩୯/୧୭।୮।୨୦୨୨ ଅନୁଯାୟୀ ପୋଲିସକୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସହକାରୀ ଜିଲାପାଳ ସୋମେଶ ରଣବିଜୁଲିଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଲିଜ୍‌ଧାରୀ କୃପାସିନ୍ଧୁ ସିଂଙ୍କ ନାମରେ ଏକ ମାମଲା (ନଂ. ୨୩୨/୨୨)ରୁଜୁ କରିଛି।

ସୂଚନା ଅନୁଯାୟୀ, ମହୁପୁରା ବାଲି ସଇରାତରୁ ଅନୁମତିଠାରୁ ୨୦ଗୁଣା ଅଧିକ ବାଲି ମେଶିନ ସାହାଯ୍ୟରେ ଉତ୍ତୋଳନ କରି ପରିବହନ କରାଯାଉଛି ବୋଲି ରାଧା ମୋହନ ସିଂଙ୍କ ଅଭିଯୋଗ କ୍ରମେ ଏନ୍‌ଜିଟି ଇଷ୍ଟର୍ଣ୍ଣ ବେଞ୍ଚ କୋଲକାତା ପକ୍ଷରୁ ୪୦/୨୨ଇଜେଡରେ ଏକ ମାମଲା ରୁଜୁ ହୋଇଥିଲା। ଅନୁମତି ଦିଆଯାଇଥିବା ପରିମାଣଠାରୁ



ମହୁପୁରା ବାଲି ସଇରାତ।

ଢେର ଅଧିକ ବାଲି ପ୍ରତିଦିନ ଚାଲାଣ କରାଯାଉଛି ବୋଲି ଆବେଦନକାରୀ ଦର୍ଶାଇଥିଲେ। ଏହାକୁ ନେଇ ମୟୂରଭଞ୍ଜ ଜିଲାପାଳ, ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ ପ୍ରାଧିକରଣ (ସିଆ), ଜିଲା ଖଣି ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ବଡ଼ସାହି ତହସିଲଦାରଙ୍କୁ ନେଇ ଗଠିତ କମିଟି ୨୦୨୨ ମେ ୯ରେ ବାଲିଘାଟ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିଥିଲେ। ସଇରାତରେ ବ୍ୟାପକ ଅନିୟମିତତା ହୋଇଥିବା ଓ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇଥିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ମାତ୍ରାଧିକ ବାଲି ଉତ୍ତୋଳନ ଯୋଗୁ ନଦୀର ପ୍ରାକୃତିକ ଜଳ ପ୍ରବାହର ପଥ ପରିବର୍ତ୍ତନ ହୋଇଛି ଓ ଲିଜ୍ ଅଞ୍ଚଳ ବାହାରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ତଦନ୍ତ କମିଟି ଦାଖଲ କରିଥିବା ରିପୋର୍ଟରେ ୧୨କୋଟି ୩୫ଲକ୍ଷ ୮୪ହଜାର ୮୪୪ଟଙ୍କା ପରିବେଶ କ୍ଷତିପୂରଣ ଓ ପରିବେଶ କ୍ଷତି ବାବଦରେ ୨୧ଲକ୍ଷ ଟଙ୍କା କ୍ଷତିପୂରଣ ଆଦାୟ ପାଇଁ ସୁପାରିଶ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଏହି ତହସିଲ ଅଧୀନ ଆରପଟା ଓ ଡିଙ୍ଗିରା ବାଲି ସଇରାତରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଏନ୍‌ଜିଟିରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ରିପୋର୍ଟକୁ ଭିତ୍ତିକରି ତତ୍କାଳୀନ ତହସିଲଦାର ମମତାଜ ମହାରଣା ଓ ଲିଜ୍‌ଧାରୀ ପ୍ରଦୀପ ବିନ୍ଧାଣୀଙ୍କ ନାମରେ ପୃଥକ ମାମଲା (ନଂ.୧୧୪/୨୨ ଓ ୧୧୫/୨୨)ରୁଜୁ ହୋଇଥିଲା। ମାତ୍ର ମହୁପୁରା ସଇରାତରେ ୧୨କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରିଲୁଟକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଲିଜ୍‌ଧାରୀଙ୍କ ନାମରେ ମାମଲା ରୁଜୁ ହୋଇଥିଲେ ହେଁ ତତ୍କାଳୀନ ତହସିଲଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଫଳରେ ବହୁ କୋଟି ଟଙ୍କାର ରାଜସ୍ୱ ଲୁଟ ପାଇଁ ସହଯୋଗ କରିଥିବା ଅଧିକାରୀଙ୍କୁ ଖସାଇଦେବାକୁ ଉଦ୍ୟମ କରାଯାଉଛି ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି ।

# ବହୁଭାଷୀ କବି ସମ୍ମିଳନୀ



ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଅଫିସ,୧୮।୮

ଭଦ୍ରକ ଜିଲା ବନ୍ତ ବ୍ଲକ ଆଗରପଡ଼ାସ୍ଥିତ ମହତାବ ମେମୋରିଆଲ ହଲ୍‌ରେ ଓଡ଼ିଶା ଭାଷା ସଂସ୍କୃତି ଜାଗରଣ ମଞ୍ଚ ପକ୍ଷରୁ ବହୁଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ଜଇନୁଲ ଆବେଦିନଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସମ୍ମିଳନୀର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ କବିତା ପାଠୋତ୍ସବକୁ ବିଶିଷ୍ଟ ସାହିତ୍ୟିକ ବିରଞ୍ଚି ନାରାୟଣ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ସଭାପତିତ୍ୱ କରିଥିଲେ ସାମାଜିକ କର୍ମୀ ରାମଚନ୍ଦ୍ର ନାୟକ। ଓଡ଼ିଆ, ବଙ୍ଗଳା, ଉର୍ଦ୍ଦୁ, ହିନ୍ଦୀ ଓ ସାନ୍ତାଳୀ ଭାଷାରେ ୧୧୧ ଜଣ କବି କବିତା ପାଠ କରିଥିଲେ। ଅତିଥି ଭାବେ ସୁରେନ୍ଦ୍ର ମିଶ୍ର, ଶିଶୁ ସାହିତ୍ୟିକ ଗୋବିନ୍ଦ ବାରିକ, ଗଣେଶ ପ୍ରସାଦ କରଶର୍ମା, କଥାକାର ଅଧ୍ୟାପକ ତାରାକାନ୍ତ ମଲ୍ଲିକ ଓ ବିଶିଷ୍ଟ ଲେଖକ ଜଗନ୍ନାଥ ପାତ୍ର ଯୋଗଦେଇ ଓଡ଼ିଆ ସାହିତ୍ୟ ବିଷୟରେ ଆଲୋଚନା କରିବା ସହ ସାହିତ୍ୟ ସମାଜର ଦର୍ପଣ ବୋଲି ବକ୍ତବ୍ୟ ରଖିଥିଲେ।

୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅତିଥି ଭାବେ ବନ୍ତ ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ ଓ ବନ୍ତ ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ ଯୋଗଦେଇ ବର୍ତ୍ତମାନର ସମାଜରେ ସାହିତ୍ୟର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ କବିତା ପାଠୋତ୍ସବକୁ କବି ଦାଶରଥୀ ଯେନା ଓ ଶିକ୍ଷକ ରମାକାନ୍ତ ଯେନା ସଂଯୋଜନା କରିଥିଲେ।

# ‘ଅଧ୍ୟାପକ, ଛାତ୍ରୀଛାତ୍ର ଲକ୍ଷ୍ୟ ସ୍ଥିର କରନ୍ତୁ’



ଡା. ମୃତ୍ୟୁଞ୍ଜୟ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଖଇରା ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ

ଖଇରା, ୧୮।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଦିବସ ଓ ଏକାଦଶ ବାର୍ଷିକ ଓଡ଼ିଆ ସାହିତ୍ୟ ସଂସଦ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅଧକ୍ଷ ଅରୁଣ କୁମାର ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜର ସଫଳତା ପାଇଁ ଅଧ୍ୟାପନା ମଣ୍ଡଳୀ ଏବଂ ବ୍ୟକ୍ତିଗତ ସଫଳତା ପାଇଁ ଛାତ୍ରୀଛାତ୍ର ମାନବିନ୍ଦୁ ନିର୍ଦ୍ଧାରଣ ବା ଲକ୍ଷ୍ୟ ସ୍ଥିର କରନ୍ତୁ। ଏଥିପାଇଁ ନିଜ ବିଦ୍ୟାଳୟଠାରୁ ଉନ୍ନତ ପ୍ରଦର୍ଶନକାରୀ ବିଦ୍ୟାଳୟକୁ ଦୃଷ୍ଟିରେ ରଖି ଏହା ସ୍ଥିର କଲେ କଲେଜ ନିଶ୍ଚୟ ଆଗକୁ ବଢିପାରିବ ବୋଲି ବକ୍ତବ୍ୟରେ କହିଥିଲେ। ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା, ଅଡଶପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ ବେଣୁଧର ପାଢୀ, ପରିଚାଳନା ପରିଷଦ ସଭାପତି ମୁକ୍ତିକାନ୍ତ ଶତପଥି, ମହବିଦ୍ୟାଳୟ ସାହିତ୍ୟ ସଂସଦ ମୁଖ୍ୟ ଅନାଦି ଚରଣ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଦେଇଥିଲେ। ଏହି ଅବସରରେ ଉପରୋକ୍ତ ପ୍ରଫେସର ଏବଂ ଅନୁଷ୍ଠାନ ପ୍ରାକ୍ତନ ଛାତ୍ର ତଥା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡା. ମୃତ୍ୟୁଞ୍ଜୟ ବିଶ୍ୱାଳଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଯୁକ୍ତ ୨ ଓ ଯୁକ୍ତ ୩ ସ୍ତରୀୟ ପରୀକ୍ଷା ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଥିଲା। ସାହିତ୍ୟ ସଂସଦ ମୁଖପତ୍ର ‘ସୃଜନୀ’ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଲକ୍ଷ୍ମଣ ଶତପଥି ଅତିଥି ପରିଚୟ, ନିରଞ୍ଜନ ପଣ୍ଡା ବେଦପାଠ କରିଥିଲେ।

# ଲଙ୍କା ଗଛ ଭାଙ୍ଗିବା ନେଇ ବୃଦ୍ଧଙ୍କୁ ଆକ୍ରମଣ

ଜଳେଶ୍ୱର, ୧୮।୮(ଡି.ଏନ.ଏ.)

ଅଢେଇ ବର୍ଷର ପିଲା ଏକ ଲଙ୍କା ଗଛ ଭାଙ୍ଗିଦେବାରୁ ତାଙ୍କ ଜେଜେବାପାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଉକ୍ତ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଜିକେଭଙ୍ଗର ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ଖାଡପିମ୍ପଳ ଗ୍ରାମରେ। ସୃଷ୍ଟିଧର ଦଳାଇ(୬୦)ଙ୍କ ନାତି ପଡୋଶୀ ସନ୍ତୋଷ ଦଳେଇଙ୍କ ବାଡିରେ ପଶି ଲଙ୍କା ଗଛ ଭାଙ୍ଗି ଦେଇଥିଲେ । ସେ ଉତ୍‌କ୍ଷିପ୍ତ ହୋଇ ଗାଲିଗୁଲଜ କରୁଥିବା ବେଳେ ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ପରେ ତାହା ଉଗ୍ରରୂପ ଧାରଣ କରିଥିଲା। ପଡୋଶୀ ବଂଶୀଧର ଦଳାଇ, ରବୀନ୍ଦ୍ର ଦଳାଇ ଓ ଦଲକା ଦଳାଇ ପ୍ରମୁଖ ସଂଘବଦ୍ଧଭାବେ ସୃଷ୍ଟିଧରଙ୍କୁ ସଂଘବଦ୍ଧ ଆକ୍ରମଣ କରିବା ସହିତ ଭୁଜାଲିରେ ହାଣିଥିବା ଜଳେଶ୍ୱର ଥାନାରେ ସୃଷ୍ଟିଧରଙ୍କ ସ୍ତ୍ରୀ ବାସନ୍ତୀ ଦଳେଇ ଅଭିଯୋଗ କରିଛନ୍ତି।

# ପ୍ରତିଯୋଗିତାରେ ଭାଗ ନେଲେ ୧୫୭ ଛାତ୍ରୀଛାତ୍ର

ବଡ଼ବିଲ, ୧୮।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ନେଇ ଗୁରୁବାର ଜନ୍ମାଷ୍ଟମୀ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଡମ୍ବରୁଧର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରାଜୀବଲୋଚନ ଆଚାର୍ଯ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ଶିଶୁ ବାଟିକା ଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ୧୫୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶିକ୍ଷୟତ୍ରୀ ଅନିତା ନାୟକଙ୍କ ସହିତ ଛାତ୍ରୀଛାତ୍ରମାନେ ଭାଗବତ ପାଠରେ ସାମିଲ ହୋଇଥିଲାବେଳେ ବିଦ୍ୟାଳୟ ପରିସରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକ ଓ ଶିଶୁ ସେବିକା ମାନେ ସହାୟତା କରିଥିଲେ।

# ରାଧା, କୃଷ୍ଣ ବେଶ ପ୍ରତିଯୋଗିତା



ରାଧା ଓ କୃଷ୍ଣ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

ବଡ଼ସାହି,୧୮।୮

ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଜନ୍ମାଷ୍ଟମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସମ୍ପାଦକ ଡ. କୁମାର ବାବୁଲି ଅଧକ୍ଷତା କରିଥିଲେ। ଗୁରୁଜୀ ବିଶ୍ୱଜିତ ବେହେରାଙ୍କ ସଂଯୋଜନାରେ ‘ଯୁଗେ ଯୁଗେ ଶ୍ରୀକୃଷ୍ଣ’ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ହିମାଦ୍ରି ତନୟା ଉପାଧ୍ୟାୟ, ସୋନାକ୍ଷି ଦଣ୍ଡପାଟ, ବାସନ୍ତୀ ହେମ୍ବ୍ରମ, ମାନସ ରଞ୍ଜନ ରଥ, ଶିବଶଙ୍କର ଭୂୟାଁ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଗୁଣଗାନ କରିଥିଲେ। ସୂର୍ଯ୍ୟକାନ୍ତି ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଧା ଓ କୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ଶୁକଦେବ ମାର୍ଣ୍ଡି, ପରମେଶ୍ୱର ନାଏକ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିସରରେ ୫୦ଟି ଚାରାରୋପଣ କରାଯାଇଥିଲା। ଭବେନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କୁଆମରା,୧୮।୮(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଜାମଶୁଳୀ ଗ୍ରାମର ଦେବେନ୍ଦ୍ର ପାତ୍ରଙ୍କ ସ୍ତ୍ରୀ ସୁକାନ୍ତି (୪୮)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ବୁଧବାର ରାତିରେ ସେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା।ଚିକିତ୍ସା ପାଇଁ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୪୬/୨୨) ରୁଜୁ କରିଛି।

# ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ସ୍ୱୟଂପ୍ରଭା ପ୍ରଥମ

ଚାନ୍ଦବାଲି,୧୮।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ଭଦ୍ରକ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚାନ୍ଦବାଲି ବ୍ଲକ ଶିବଦୁର୍ଗା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ନାୟକଙ୍କ ଝିଅ ଅଷ୍ଟମ ଶ୍ରେଣୀ ଛାତ୍ରୀ ସ୍ୱୟଂପ୍ରଭା ନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଜାଦୀ କା ଅମୃତ ମହୋତ୍ସବ ସମ୍ପର୍କରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ ଏହି କୃତିତ୍ୱ ପାଇଁ ସ୍ୱାଧୀନତା ଦିବସରେ ସେ ଜିଲାପାଳଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଛି।

# ଧାମନଗର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଧାମନଗର,୧୮।୮(ଡି.ଏନ.ଏ)

ଧାମନଗର ଭଳି ଏକ ଉପାନ୍ତ ଅଞ୍ଚଳରେ ଚିନ୍ତାନାୟକ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକ ଏକ ଗ୍ରାମୀଣ ବିଶ୍ୱବିଦ୍ୟାଳୟ ସ୍ଥାପନ ସ୍ୱପ୍ନରେ ଯେଉଁ କଲେଜ ପ୍ରତିଷ୍ଠା କରିଥିଲେ ତାହା ଆଜି ଆଲୋକ ବିକିରଣ କରିଚାଲିଛି ବୋଲି କଲେଜର ପ୍ରତିଷ୍ଠା ଦିବସରେ ଅତିଥିମାନେ କହିଥିଲେ। ଅଧକ୍ଷ ପବିତ୍ର ପାଣିଗ୍ରାହୀଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ପରେ ଅଧକ୍ଷ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ମୁଖ୍ୟବକ୍ତା କବି ରସାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ବିନାୟକ ସାହୁ, ଅଧ୍ୟାପକ ମହମ୍ମଦ ଇସରାଇଲ ଓ ବୈରାଗଞ୍ଜନ ଦାଶ ଯୋଗ ଦେଇଥିଲେ। ଅଧ୍ୟାପକ ଡ. ମନୋଜ କୁମାର କର ଧନ୍ୟବାଦ ପ୍ରଦାନ କରିଥିଲେ। ଅଧ୍ୟାପିକା ଆଦ୍ୟାରଶ୍ମୀ ମିଶ୍ରଙ୍କ ନିର୍ଦ୍ଦେଶନା ଓ ହରପ୍ରିୟା ସେଠୀଙ୍କ ସହଯୋଗିତାରେ କଥାଶିଳ୍ପୀ ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ପତାକା ଉତ୍ତୋଳନର ନାଟ୍ୟ ରୂପାନ୍ତର ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପାୟଲ ପତି, ରୀମା ସାହୁ ଓ ଛବିରାଣୀ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ ସହ ଶ୍ରେଷ୍ଠ ଅଭିନେତା ଚିନ୍ମୟ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ସୁରେନ୍ଦ୍ର କୁମାର ଜେନା ଓ ବାବାଜୀ ଚରଣ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସଭାରେ ଉପସ୍ଥିତ ଅତିଥି।

# ଭାଗନେଲେ କୁନି କୁନି ଛାତ୍ରୀଛାତ୍ର

ବାଲେଶ୍ୱର ଅଫିସ, ୧୮।୮

ବାଲେଶ୍ୱର ସହର ପାଣିଚାଙ୍କିସ୍ଥିତ ଏକ କଲ୍ୟାଣମଣ୍ଡପ ପରିସରରେ ‘ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ କମିଟି’ ପକ୍ଷରୁ ଗୁରୁବାର ଜନ୍ମାଷ୍ଟମୀ ପାଳିତ ହୋଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସହରରେ ଥିବା ବିଦ୍ୟାଳୟରୁ ଶତାଧିକ କୁନି କୁନି ଛାତ୍ରୀଛାତ୍ର ଭାଗ ନେଇଥିଲେ। ଆୟୋଜିତ ଶ୍ରୀକୃଷ୍ଣ ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ୬୨, ଶ୍ରୀକୃଷ୍ଣ ବେଶରେ ୨୬ ଓ ଶ୍ରୀମଦ୍ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତାରେ ୩୩ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।

କମିଟି ଅଧକ୍ଷ ତୁଷାରକାନ୍ତି ପଣ୍ଡା ଆୟୋଜିତ ଉତ୍ସବରେ ସଭାପତିତ୍ୱ କରି ଆଧ୍ୟାତ୍ମିକ ଚିନ୍ତାଧାରାକୁ ବୃଦ୍ଧି କରିବା ସହ ପ୍ରଭୁ ଶ୍ରୀକୃଷ୍ଣଙ୍କ ମହତବାଣୀ କିପରି ଜନ ମାନସରେ ଅଧିକରୁ ଅଧିକ ପହଞ୍ଚିପାରିବ ସେନେଇ ଏଭଳି କାର୍ଯ୍ୟକ୍ରମ କରାଯାଇଥିବା ସୂଚନା ଦେଇଥିଲେ। ରଜନୀକାନ୍ତ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭାରତ ରକ୍ଷା ମଞ୍ଚର ଓଡ଼ିଶା ପ୍ରଦେଶ ସଭାପତି ଡା. ଅଶୋକ ଆଚାର୍ଯ୍ୟ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡ. କ୍ଷୀତେଶ୍ୱର ଦାଶ ଶ୍ରୀକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଆମର ପାରିବାରିକ, ସାମାଜିକ ତଥା ବୈଶ୍ୱିକ ଜୀବନ ମଙ୍ଗଳମୟ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଅତିଥିଙ୍କ ଦ୍ୱାରା କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସହ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନ୍ମାଷ୍ଟମୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ସୁଧାକର ପାଢ଼ୀ, ସଞ୍ଜୟ ମହାପାତ୍ର,




ଶ୍ରୀକୃଷ୍ଣ ବେଶରେ ଛାତ୍ରୀଛାତ୍ର।

## ଜନ୍ମାଷ୍ଟମୀ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ପ୍ରଫୁଲ୍ଲ ଦାସ, ବିନୋଦ ନାୟକ, ଅଜୟ ପରିଡ଼ା, ରାକେଶ ସାହା, ହେମଲତା ସାହୁ, ନିବେଦିତା ବରାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ସହଦେବଖୁଣ୍ଟାସ୍ଥିତ ପୁରୀ ସରସ୍ୱତୀ ଆବାସିକ ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କୃଷ୍ଣ /ରାଧା ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଭାରତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନ ଉତ୍ତର ସମ୍ଭାଗର ଉପସଭାପତି ବଳଭଦ୍ର ଶତପଥୀ ଏବଂ ଶିକ୍ଷାବିତ୍ ଶଶିକାନ୍ତ ମହାନ୍ତି, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁଦର୍ଶନ ଦାସଙ୍କ ସହ ପ୍ରଧାନ ଆଚାର୍ଯ୍ୟ ବିବେକାନନ୍ଦ ନାୟକ ମିଳିତ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ କୃଷ୍ଣଜନ୍ମର କାହାଣୀ ତଥା କୃଷ୍ଣଙ୍କଠାରୁ କଣ ଶିଖିବା ଉଚିତ୍ ସେନେଇ ବିସ୍ତୃତ ଭାବେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ।

